# DAV PUBLIC SCHOOLS, ODISHA ZONE
# PERIODIC ASSESSMENT – II (2022-23)
## CLASS-X
## SUBJECT: ODIA (013)

**Time Allowed: 3 Hours** **Maximum Marks: 80**

**General Instructions:**

1. **The Question Paper contains 2 Parts- Part I, Part-II & 4 Sections – M.C.Q., Reading, Writing & Literature.**
2. **Please check that this Question Paper Contains 60 questions.**
3. **Please check that this Question Paper Contains 08 Printed pages.**
4. **Part-I contains 53 M.C.Q. questions in section A. Attempt forty (40) questions based on the specific instructions given in the question itself.**
   **Part-II contains 7 descriptive questions in 3 sections. Attempt any 5 questions from Q.No.-54 in section B; 1 each from Q.No-55 & 56 in section C; 1 each from Q.No.-57 & 59, 2 each from Q.No.-58 & 60 from section D.**
5. **Please write down the serial number of the question in the answer-book before attempting it.**
6. **15 minutes time has been allotted to read this Question Paper. The Question Paper will be distributed at 10.15 am. From 10.15 a.m. to 10.30 a.m, the students will read the Question Paper only and will not write any answer on the answer book during this period.**

## Part-I

## Section-A

I. ଗଦ୍ୟ ବିଭାଗରୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ ।
(ଯେ କୌଣସି ୮ଟି) 8x1=08

1. କେଉଁ ଭାବନାରେ 'ଜନ୍ମଭୂମି' ପ୍ରବନ୍ଧଟି ପରିପୁଷ୍ଟ ? (1)
   (a) ଅତିଥି ଦେବୋଭବ (b) ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ
   (c) ବସୁଧୈବ କୁଟୁମ୍ବକମ୍ (d) ସତ୍ୟମେବ ଜୟତେ
2. ରସାୟନ ବିଜ୍ଞାନ କେଉଁ ବିଜ୍ଞାନର ଅନ୍ତର୍ଗତ ? (1)
   (a) ପ୍ରାଣୀ (b) ଉଦ୍ଭିଦ (c) ପଦାର୍ଥ (d) ଜଡ଼
3. ଲେଖକ ନିଜର ଜନ୍ମଭୂମିକୁ କିପରି ସ୍ମରଣ କରିଛନ୍ତି ? (1)
   (a) ଜାତିସ୍ମର (b) ଜ୍ୟୋତିର୍ବିଜ୍ଞାନୀ (c) ଦାର୍ଶନିକ (d) ଅନ୍ତର୍ଯ୍ୟାମୀ

4. 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି ପ୍ରଥମେ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ? (1)

(a) ଉତ୍କଳ ପ୍ରଭା (b) ଉତ୍କଳ ସାହିତ୍ୟ (c) ଉତ୍କଳଦୀପିକା (d) ଉତ୍କଳ ଦର୍ପଣ

5. ଅପୁଷ୍ଟତା ହେତୁ ଯେଉଁମାନଙ୍କର ପେଟ ପଶି ଯାଇଥାଏ ସେମାନଙ୍କୁ କ'ଣ କୁହାଯାଏ ? (1)

(a) ଲମ୍ବୋଦର (b) ବୃକୋଦର (c) କୃଶୋଦର (d) ମହୀଧର

6. ପ୍ରାଚୀନ ମିଶରୀୟ ସଭ୍ୟତାର ଆଦର୍ଶ କ'ଣ ଥିଲା ? (1)

(a) ପରିଶ୍ରମ (b) ଭୋଗ (c) ତ୍ୟାଗ (d) ସଂଯମ

7. ଜନ୍ମଭୂମିକୁ ଫେରିଯିବା ପାଇଁ ଲେଖକଙ୍କର କେଉଁ ସାହସର ଅଭାବ ଥିଲା? (1)

(a) ନୈତିକ (b) ଆତ୍ମିକ (c) ଭୌତିକ (d) ଆଧ୍ୟାତ୍ମିକ

8. ଆଭିଜାତ୍ୟର ଚିହ୍ନ ବୋଲି କାହାକୁ ବିବେଚନା କରାଯାଇଛି? (1)

(a) ଶିକ୍ଷା (b) ଧନ (c) ନେକ୍‌ଟାଇ (d) ପୋଷାକ

9. ଲେଖକ ଜନ୍ମଭୂମିକୁ କାହା ସହିତ ତୁଳନା କରି ନାହାନ୍ତି? (1)

(a) ମାତା (b) ଶିକ୍ଷୟିତ୍ରୀ (c) ଧାତ୍ରୀ (d) ମାଉସୀ

10. କେଉଁ ବିଜ୍ଞାନ ଆଲୋକ, ଉତ୍ତାପ, ବିଦ୍ୟୁତ୍, ଶବ୍ଦ ପ୍ରଭୃତି ବିଭିନ୍ନ ତତ୍ତ୍ୱର ଅନୁସନ୍ଧାନ କରିଥାଏ ? (1)

(a) ରସାୟନ ବିଜ୍ଞାନ (b) ପ୍ରାଣୀ ବିଜ୍ଞାନ (c) ପଦାର୍ଥ ବିଜ୍ଞାନ (d) ଜୀବ ବିଜ୍ଞାନ

II. ପଦ୍ୟ ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେ କୌଣସି ୭ଟି) 7x1=07

11. କେତେ ରଡ଼ି ସହିବା ପାଇଁ ଦୁର୍ଯ୍ୟୋଧନ ପ୍ରତିଜ୍ଞା କରିଥିଲେ ? (1)

(a) ସାତ (b) ତିନି (c) ଦୁଇ (d) ଏକ

12. ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ କବି ରୂପେ ପରିଚିତ ? (1)

(a) ଭକ୍ତକବି (b) ଗଣକବି (c) କାନ୍ତକବି (d) ପ୍ରକୃତିକବି

13. "ଗଲାଣି ତ ଗଲା କଥାରେ ସଙ୍ଗାତ" – ଏହି ମହାନ୍ ଉକ୍ତିଟିର ସ୍ରଷ୍ଟା କିଏ? (1)

(a) କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ (b) କବିବର ରାଧାନାଥ ରାୟ

(c) କବିଶେଖର ଚିନ୍ତାମଣି (d) କବିସୂର୍ଯ୍ୟ ବଳଦେବ ରଥ

14. 'ଭୀମଙ୍କ ସିଂଘନାଦ ରଡ଼ି' କବିତାଟି ମହାଭାରତର କେଉଁ ପର୍ବରୁ ଆସିଛି ? (1)

(a) କାଇଁଶିକା ପର୍ବ (b) ଗଦାପର୍ବ (c) ଦ୍ରୋଣପର୍ବ (d) କର୍ଣ୍ଣପର୍ବ

15. ଉତ୍କଳ ଜନନୀର କ'ଣ ସୁନ୍ଦର ବୋଲି କବିତାରେ କୁହାଯାଇଛି ? (1)

(a) ହସ ଓ କାନ୍ଦ (b) ଭାଷା ଓ ନୃତ୍ୟ (c) ହସ ଓ ଭାଷା (d) ଭାଷା ଓ ସାହିତ୍ୟ

16. ବିଶ୍ୱନାଥ କହିଲେ କେଉଁ ଦେବତାଙ୍କୁ ବୁଝାଏ ? (1)

(a) ଇନ୍ଦ୍ର (b) ବିଷ୍ଣୁ (c) ବ୍ରହ୍ମା (d) ଶିବ

17. **କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?** (1)

(a) ଚିଲିକାର ନୀଳ ଜଳରାଶିକୁ

(b) ମୀନଜୀବୀମାନଙ୍କର ବୋଇତରେ ଜଳୁଥିବା ମଶାଲକୁ

(c) ଜ୍ୟୋସ୍ନା ପରିପ୍ଲୁତ ସୃଷ୍ଟିର ଦୃଶ୍ୟକୁ

(d) ସନ୍ଧ୍ୟା ସମୟକୁ

18. **କେଉଁ ସଙ୍ଗୀତଟି ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଛି ?** (1)

(a) ଜନଗଣ ମନ ଅଧିନାୟକ (b) ବନ୍ଦେ ମାତରଂ

(c) ତୁହି ମା' ଜନମ ଭୂମି (d) ବନ୍ଦେ ଉତ୍କଳ ଜନନୀ

19. **'ଚିଲିକାର ସାୟନ୍ତନ ଦୃଶ୍ୟ' କବିତାରେ କବି ବାଗୀଶ୍ୱରୀ ବୋଲି କାହାକୁ କହିଛନ୍ତି ।** (1)

(a) ଲକ୍ଷ୍ମୀ (b) ସରସ୍ୱତୀ (c) କମଳା (d) ବିମଳା

III. **ଗଳ୍ପ ଓ ଏକାଙ୍କିକା ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ ।** 5x1=05
**(ଯେ କୌଣସି ୫ଟି)**

20. **କାଠ ଗୋଦାମରୁ ଲେଖକ କେଉଁ କାଠ କିଣିଥିଲେ ?** (1)

(a) ଶାଳ (b) ପିଆଶାଳ (c) ଶିଶୁ (d) ଧଅ

21. **ବଂଶୀରେ କେଉଁ ରାଗିଣୀ ଭାସି ଆସୁଥିଲା ?** (1)

(a) କଲ୍ୟାଣ (b) ଭୈରବ (c) ପୂରବୀ (d) ମେଘ ମହ୍ଲାର

22. **କାହାପାଦରେ ଚେନାଚୋପରା କାଠସବୁ ଫୁଟିଯିବ ବୋଲି ଲେଖକ କହିଲେ ?** (1)

(a) ବିଲେଇ (b) କୁକୁର (c) ଚାକର (d)ପୁଅ

23. **କଲମଟି ବିକି ଦେଇଥିବାରୁ କିଏ କାନ୍ଦି ଉଠିଲେ ?** (1)

(a) ବେବି (b) ପିଉସୀ (c) ସୁବ୍ରତ (d) ପ୍ରୀତି

24. **କିଏ ଡେଇଁ ପଡ଼ି ଆଧୁନିକ କ୍ଲିଷ୍ଟ ଅବୋଧ କବିତାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି ?** (1)

(a) କବି (b) ସମାଲୋଚକ (c) ପ୍ରାବନ୍ଧିକ (d) ଗାଳ୍ପିକ

25. **ମହାପାତ୍ର କେଉଁଠାରୁ କାର୍ ଡ୍ରାଇଭିଂ କରି ଆସୁଥିଲେ ?** (1)

(a) ମାଡ୍ରାସ (b) ରାଉରକେଲା (c) କଟକ (d) ଭୁବନେଶ୍ୱର

26. **କାଠୁରିଆଠାରୁ କ'ଣ ଆଦାୟ କରିବାକୁ ଲେଖକ ଜଗି ବସିଥିଲେ ?** (1)

(a) ଟଙ୍କା (b) ସୁନା (c) କାମ (d) ଖଜଣା

**IV. ରୂଢ଼ିର ଯଥାର୍ଥ ଉତ୍ତରଟି ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (ଯେ କୌଣସି ୫ଟି)** 5x1=05

**27. ଆକାଶ କୁସୁମ** (1)

(a) ବୃଥା ସ୍ୱପ୍ନ (b) ଦିବା ସ୍ୱପ୍ନ (c) ପାହାନ୍ତି ସ୍ୱପ୍ନ (d) ସଫଳ ସ୍ୱପ୍ନ

**28. ଆଖିରେ ଧୂଳିଦେବା** (1)

(a) ଯତ୍ନନେବା (b) ଶିକ୍ଷାଦେବା (c) ଠକିଦେବା (d) ସାହାଯ୍ୟ କରିବା

**29. ତେଲିଆ ମୁଣ୍ଡରେ ତେଲ** (1)

(a) ମୁଣ୍ଡରେ ତେଲ ଢାଳିବା (b) ତେଲରେ ମୁଣ୍ଡ ବୁଡ଼ାଇବା

(c) ନଥିଲାବାଲାକୁ ଅଧିକ ଦେବା (d) ଥିଲାବାଲାକୁ ଅଧିକ ଦେବା

**30. ନାକ ଟେକିବା** (1)

(a) ଗର୍ବ କରିବା (b) ବିରକ୍ତ ହେବା (c) ଘୃଣା କରିବା (d) ଆଦର କରିବା

**31. ଗୋଟିଏ ଚାଉଳରେ ଗଢ଼ା** (1)

(a) ଅତି ସୁନ୍ଦର (b) ଅତି ଦୁଷ୍ଟ (c) ଅତି ଚତୁର (d) ଅତି ନିରୀହ

**32. ଗାଲରେ ହାତଦେବା** (1)

(a) କ୍ରୋଧିତ ହେବା (b) ମନେ ପକାଇବା (c) ଚିନ୍ତିତ ହେବା (d) ଆନନ୍ଦିତ ହେବା

**33. ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା** (1)

(a) ସବୁ ବୁଝିଯିବା (b) କିଛି ନ ବୁଝିବା

(c) କିଛି ନ ବୁଝି ହଁ ମାରିବା (d) ବୁଝି ହଁ ମାରିବା

**V. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଭାବେ ଦିଆଯାଇଥିବା ଶବ୍ଦଗୁଡ଼ିକରୁ ଶୁଦ୍ଧ ପ୍ରୟୋଗର ଆଧାରରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (ଯେ କୌଣସି ୫ଟି)** 5x1 =05

**34.** (a) ଗଣେଷ (b) ଗଣେସ (c) ଗଣେଶ (d) ଗଣଶ (1)

**35.** (a) ଦିବାରାତ୍ରି (b) ଦିବାରାତି (c) ଦିବାରାତ୍ରୀ (d) ଦିବାରାତ୍ର (1)

**36.** (a) ଶାରିରୀକ (b) ଶାରୀରିକ (c)ସାରିରୀକ (d) ଷାରିରୀକ (1)

**37.** (a) ଗୋଲକ ବିହାରୀ (b) ଗଲୋକ ବିହାରୀ (c) ଗୋଲୋକବିହାରୀ (d) ଗୋଲକ ବିହାରି (1)

**38.** (a) ପୁରସ୍କାର (b) ପୁରଶ୍କାର (c) ପୁରଷ୍କାର (d) ପୂରସ୍କାର (1)

**39.** (a) ଶ୍ରେଷ୍ଠତମ (b) ଶ୍ରେଷ୍ଠ (c) ଶ୍ରେଷ୍ଟ (d) ସ୍ରେଷ୍ଟ (1)

**40.** (a) ଭୂବନେଶ୍ୱର (b) ଭୁବନେଶ୍ୱର (c) ଭୂବନେଷ୍ୱର (d) ଭୂବନେସ୍ୱର (1)

VI. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେ କୌଣସି ୫ଟି) 5x1 =05

41. ଭାଗବତବାଣୀ ଛନ୍ଦର ପ୍ରତିପାଦର ଅକ୍ଷର ସଂଖ୍ୟା କେତେ ? (1)

(a) ୧୨ (b) ୧୬ (c) ୯ (d) ୨୦

42. 'ନଟବାଣୀ' ଛନ୍ଦର ଅନ୍ୟ ନାମ କ'ଣ ? (1)

(a) ଗୁଜ୍ଜରୀ (b) ବିଭାସକେଦାର (c) ରାମକେରୀ (d) ନବାକ୍ଷରୀ ବୃତ୍ତ

43. ଜଗନ୍ନାଥ ଦାସଙ୍କ ଭାଗବତ କେଉଁ ଛନ୍ଦରେ ରଚିତ ? (1)

(a) ବିଭାସ କେଦାର (b) ନଟବାଣୀ (c) ନବାକ୍ଷରୀ ଛନ୍ଦ (d) ରାମକେରୀ

44. କେଉଁ ଛନ୍ଦର ପ୍ରତିପାଦର ଅକ୍ଷର ସଂଖ୍ୟା ୧୨ ହୋଇଥାଏ ? (1)

(a) ଭାଗବତବାଣୀ (b) ରାମକେରୀ (c) ନଟବାଣୀ (d) ବଙ୍ଗଳାଶ୍ରୀ

45. କେଉଁ ଛନ୍ଦର ପ୍ରତିପାଦର ତୃତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ ? (1)

(a) ନଟବାଣୀ (b) ରାମକେରୀ (c) ବଙ୍ଗଳାଶ୍ରୀ (d) ଭାଗବତବାଣୀ

46. ନଟବାଣୀ ଛନ୍ଦରେ କେତୋଟି ପାଦ ଥାଏ ? (1)

(a) ୨ (b) ୧ (c) ୩ (d) ୪

47. ପ୍ରାଣୀର ଭଲ ମନ୍ଦ ବାଣୀ । (1)

ମରଣ କାଳେ ତାହା ଜାଣି ।।

ଏହି ଛନ୍ଦର କେଉଁ କେଉଁ ଅକ୍ଷର ଉପରେ ଯତିପାତ ହୁଏ ?

(a) ଚତୁର୍ଥ, ପଞ୍ଚମ ଓ ନବମ (b) ପଞ୍ଚମ, ସପ୍ତମ ଓ ନବମ

(c) ତୃତୀୟ, ପଞ୍ଚମ ଓ ନବମ (d) ତୃତୀୟ, ଷଷ୍ଠ ଓ ନବମ

VII. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେ କୌଣସି ୫ଟି) 5x1 =05

48. ନିମ୍ନଲିଖିତ ବାକ୍ୟ ମଧ୍ୟରୁ କେଉଁଟି ଏକ ସରଳବାକ୍ୟ ଲେଖ । (1)

(a) ରାଧା ଭଲ ଖେଳୁଛି ଓ ଏଥିପାଇଁ ସୁନାମ ଅର୍ଜନ କରୁଛି ।

(b) ରାଧା ଭଲ ଖେଳୁଛି, ତେଣୁ ସେ ସୁନାମ ଅର୍ଜନ କରୁଛି ।

(c) ରାଧା ଭଲ ଖେଳିବାରୁ ସୁନାମ ଅର୍ଜନ କରୁଛି ।

(d) ଯେହେତୁ ରାଧା ଭଲ ଖେଳୁଛି, ସେଥିପାଇଁ ସେ ସୁନାମ ଅର୍ଜନ କରୁଛି ।

49. ଯେତେବେଳେ ବର୍ଷା ହେଲା, ସେତେବେଳେ ପିଲାଟି ଛତା ଖୋଲିଲା ।

ଏହି ବାକ୍ୟକୁ ଯୌଗିକ ବାକ୍ୟରେ ପରିଣତ କଲେ କ'ଣ ହେବ ? (1)

(a) ବର୍ଷା ହେବାରୁ ପିଲାଟି ଛତା ଖୋଲିଲା ।

(b) ବର୍ଷା ହେଲା ଏବଂ ପିଲାଟି ଛତା ଖୋଲିଲା ।

(c) ଯଦି ବର୍ଷା ହେବ ପିଲାଟି ଛତା ଖୋଲିବ ।

(d) ଯେମିତି ବର୍ଷା ହେଲା, ସେମିତି ପିଲାଟି ଛତା ଖୋଲିଲା ।

**50. ସୁଜନ ସବୁଠାରେ ପୂଜା ପାଆନ୍ତି ।**

**ଏହି ବାକ୍ୟକୁ ଜଟିଳ ବାକ୍ୟରେ ପରିଣତ କଲେ କ'ଣ ହେବ ?** (1)

(a) ଜଣେ ସୁଜନ ହେଲେ ସବୁଠାରେ ପୂଜା ପାଇବ ।

(b) ସୁଜନ ହୁଅ ସବୁଠାରେ ପୂଜା ପାଅ ।

(c) ଯେଉଁମାନେ ସୁଜନ, ସେମାନେ ସବୁଠାରେ ପୂଜା ପାଆନ୍ତି ।

(d) ଜଣେ ସୁଜନ ହୁଏ ଓ ସବୁଠାରେ ପୂଜା ପାଏ ।

**51. ନିମ୍ନଲିଖିତ କେଉଁ ବାକ୍ୟଟି ଏକ ଯୌଗିକ ବାକ୍ୟ ।** (1)

(a) ଭୋରରୁ ଉଠି ବ୍ୟାୟାମ କର ।

(b) ଭୋରରୁ ଉଠ ଓ ବ୍ୟାୟାମ କର ।

(c) ଯଦି ଭୋରରୁ ଉଠିବ ତେବେ ବ୍ୟାୟାମ କରିବ ।

(d) ଭୋରରୁ ଉଠିଲେ ବ୍ୟାୟାମ କରିବ ।

**52. କୃଷକଟି ବିଲରେ ହଳ କାମ ସାରି ଗଛ ମୂଳରେ ଶୋଇ ପଡ଼ିଲା । – ଏହାକୁ ଜଟିଳ ବାକ୍ୟରେ କ'ଣ କୁହାଯିବ ?** (1)

(a) କୃଷକଟି ବିଲରେ ହଳ କାମ ସାରି ଗଛ ମୂଳରେ ଶୋଇ ପଡ଼ିଲା ।

(b) କୃଷକଟି ବିଲରେ ହଳ କାମ ସାରିବାରୁ ଗଛ ମୂଳରେ ଶୋଇ ପଡ଼ିଲା ।

(c) ଯେତେବେଳେ କୃଷକଟି ବିଲରେ ହଳ କାମ ସାରିଲା, ସେତେବେଳେ ଗଛ ମୂଳରେ ଶୋଇ ପଡ଼ିଲା ।

(d) କୃଷକଟି ବିଲରେ ହଳ କାମ କରୁକରୁ ଗଛ ମୂଳରେ ଶୋଇ ପଡ଼ିଲା ।

**53. ଯେହେତୁ ଦରଦାମ ବଢ଼ିଲା, ତେଣୁ ଲୋକମାନେ ଆନ୍ଦୋଳନ କଲେ ।**

**ଏହାକୁ ସରଳ ବାକ୍ୟରେ କ'ଣ କୁହାଯିବ ?** (1)

(a) ଦରଦାମ୍ ବଢ଼ିଲା ଓ ଲୋକମାନେ ଆନ୍ଦୋଳନ କଲେ ।

(b) ଦରଦାମ୍ ବଢ଼ିବାରୁ ଲୋକମାନେ ଆନ୍ଦୋଳନ କଲେ ।

(c) ଯେତେବେଳେ ଦରଦାମ୍ ବଢ଼ିଲା, ସେତେବଳେ ଲୋକମାନେ ଆନ୍ଦୋଳନ କଲେ ।

(d) ଯେମିତି ଦରଦାମ୍ ବଢ଼ିଛି, ସେମିତି ଲୋକମାନେ ଆନ୍ଦୋଳନ କଲେ ।

## Part-II

## Section - B

**54. ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (ଯେ କୌଣସି ୫ଟି)** 5x2 =10

ଈଶ୍ୱରଙ୍କ ଆଶିଷ ସବୁବେଳେ ସତ୍ୟାଶ୍ରୟୀ ହୋଇଥାଏ । କୌଣସି ପରିସ୍ଥିତିରେ ତାହା ଅସତ୍ୟର ଶରଣାପନ୍ନ ହୁଏ ନାହିଁ, କାରଣ ଅସତ୍ୟ ସର୍ବଦା ଅଳ୍ପାୟୁ । ଅସତ୍ୟ ଚାକଚକ୍ୟମୟ ହୋଇପାରେ, କିନ୍ତୁ ସଜ୍ଜନ ସେଥିରେ ବିମୋହିତ ହୁଏ ନାହିଁ । ଯେଉଁମାନେ ସତ୍ୟର ସାହଚର୍ଯ୍ୟ ଲାଭ କରିଛନ୍ତି, ସେମାନେ ଦେଶ ଓ ଜାତିର ଉପକାର କରିବା ଲାଗି ସଦା ଉନ୍ମୁଖ

ରହିଥା'ନ୍ତି । 'ଆପେ ବଞ୍ଚିଲେ ବାପର ନାଁ' ଏକଥା ସତ୍ୟସନ୍ଧଙ୍କ ପାଇଁ ପ୍ରଯୁଜ୍ୟ ହୁଏ ନାହିଁ । ଅନ୍ୟର ସୁଖ ଭିତରେ ସେମାନେ ନିଜ ସୁଖ ଖୋଜି ପାଆନ୍ତି । ବସ୍ତୁବାଦୀ ଦୁନିଆରେ ସତ୍ୟାଶ୍ରୟୀଙ୍କ ସଂଖ୍ୟା କମ୍ ହୋଇପାରେ, ମାତ୍ର ଏଥିରେ ନିରାଶ ହେବାର କିଛି ବି କାରଣ ନାହିଁ । କାରଣ ଦୁନିଆ ସବୁବେଳେ ଭଲ ଲୋକମାନଙ୍କର ଭଲ କାମକୁ ହିଁ ଇତିହାସର ଟିପାଖାତାରେ ଟିପି ରଖେ । ଆତ୍ମପ୍ରଚାରଧର୍ମୀ ବ୍ୟକ୍ତିବିଶେଷଙ୍କ ଲୋଭନୀୟ ପ୍ରଚାରପତ୍ରକୁ ସଭ୍ୟସମାଜ ବେଶି ଗୁରୁତ୍ୱ ଦିଏ ନାହିଁ । ମହାତ୍ମା ଗାନ୍ଧୀ ସତ୍ୟକୁ ଈଶ୍ୱରଙ୍କ ବିଗ୍ରହ ବୋଲି ଅଭିହିତ କରିଥିଲେ । ସତ୍ୟର ପୂଜନ ଈଶ୍ୱର ପୂଜନ ସହ ସମାନ ବୋଲି ସେ କହୁଥିଲେ । ପରିସ୍ଥିତିର ବାଧ୍ୟବାଧକତାରେ ସେ ସତ୍ୟ ସହିତ ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ ହେଁ ସର୍ବଦା ସତ୍ୟପଥର ପଥିକ ହୋଇ ଆଦର୍ଶ ସୃଷ୍ଟି କରିଥିଲେ । ସମଗ୍ର ବିଶ୍ୱରେ ସେହି ଆଦର୍ଶ ଆଜି ଅତ୍ୟନ୍ତ ଆଦରଣୀୟ ହୋଇପାରିଛି । ଆମ୍ଭେମାନେ ସତ୍ୟକୁ ପାଳନ କରି ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର ହେଲେ ସଫଳତାର ଶୀର୍ଷରେ ନିଶ୍ଚୟ ଉପନୀତ ହୋଇପାରିବା ।

(a) ସତ୍ୟର ପୂଜନ କାହା ସହ ସମାନ ?
(b) ଇତିହାସର ଟିପାଖାତାରେ ଆମେ କ'ଣ ଦେଖିପାରିବା ?
(c) କେଉଁମାନେ ଦେଶ ଓ ଜାତିର ଉପକାର କରିବା ଲାଗି ଉନ୍ମୁଖ ରହିଥା'ନ୍ତି ?
(d) ଈଶ୍ୱରଙ୍କ ଆଶିଷର ବିଶେଷତ୍ୱ କ'ଣ ?
(e) ସଜ୍ଜନ କେଉଁଥିରେ ବିମୋହିତ ହୁଏ ନାହିଁ ?
(f) କ'ଣ ସର୍ବଦା ଅଳ୍ପାୟୁ ?
(g) କାହାର ଆଦର୍ଶ ଆଜି ସମଗ୍ର ବିଶ୍ୱରେ ଆଦରଣୀୟ ହୋଇ ପାରିଛି ?

## Section –C

**55. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 6

(a) ଆମ ରାଜ୍ୟ ଓଡ଼ିଶା
(b) ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ପ୍ରତିକାର
(c) ଗଣମାଧ୍ୟମର ସମାଜ ଉପରେ ପ୍ରଭାବ

**56.** ନାରୀ ଜାତିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଲିଖିତ ତୁମର ଏକ ଲେଖା ସମ୍ବାଦପତ୍ରରେ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ଦୈନିକ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।

କିମ୍ବା 6

"ବନମହୋତ୍ସବ ସପ୍ତାହ ପାଳନର ଆବଶ୍ୟକତା" ଶୀର୍ଷକ ତୁମର ଏକ ଲେଖା ପ୍ରକାଶ କରିବା ନିମନ୍ତେ ଅନୁରୋଧ କରି ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

**(ବି.ଦ୍ର:ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)**

## Section –D

**57. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିଏର)** 5

(a) ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

(b) ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା।

**58. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୨ଟିର)** 2x2 =4

(a) ପଲ୍ଲୀରେ ଏକ ପରିବାରତ୍ୱ ଗଢ଼ିଉଠିବାର କି ପ୍ରମାଣ ମିଳେ ?

(b) ବୈଜ୍ଞାନିକମାନେ ମାନବକୁ ଧ୍ୱଂସ ପଥର ପଥିକ କରୁଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି?

(c) ଗୋବିନ୍ଦା ଭାଇ କି ପ୍ରକାର ଲୋକ ?

**59. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିଏର)** 5

(a) ପୂତ –ପୟୋଧି – ବିଧୌତ –ଶରୀରା,
ତାଳତମାଳ – ସୁଶୋଭିତ –ତୀରା ,

(b) ପାପ ଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।

**60. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୨ଟିର)** 2x2 =4

(a) ପୋତପାଳ ମଶାଲ ଜାଳିଛି କାହିଁକି ?

(b) ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନକୁ ଛାଡ଼ି ପଳାଇଲେ ?

(c) ଉତ୍କଳର ଆକାଶ କାହାର କଳରବରେ ମୁଖରିତ ?

**-----XXXXX-----**